## ଆଇଆଇଟିରେ ଜେଇଇ ଆଡଭାନ୍ସ ପାଇଁ କାଉନ୍‌ସେଲିଂ ଓ ଆଲୋଚନାଚକ୍ର

# ଭୁବନେଶ୍ୱରରେ ଛାତ୍ରଛାତ୍ରୀ କରିପାରିବେ ପ୍ରମାଣପତ୍ର ଯାଞ୍ଚ

ଭୁବନେଶ୍ୱର,୧୭।୬(ଭୁ.ପ୍ର): ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଅରୁଗୁଳ ସ୍ଥିତ ଏହାର ସ୍ଥାୟୀ କ୍ୟାମ୍ପସ୍‌ରେ ରବିବାର ଆଇଆଇଟିରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଜେଇଇ କାଉନସେଲିଂ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ଜେଇଇ ଆଡଭାନ୍ସ ପରୀକ୍ଷା ଦେଇଥିବା ଏବଂ ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶା ସମେତ ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଝାରଖଣ୍ଡ, ଛତିଶଗଡ଼, ରାଜସ୍ଥାନ, କର୍ଣ୍ଣାଟକରୁ ଆସିଥିବା ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର ଆଇଆଇଟିର ଶିକ୍ଷା ପଦ୍ଧତି ଏବଂ ଭୁବନେଶ୍ୱର ଆଇଆଇଟିରେ ପରିବର୍ତ୍ତିତ ଶିକ୍ଷା ପ୍ରଣାଳୀ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଶେଷକରି ଏଠାରେ ଶିକ୍ଷାଦାନ, ଗବେଷଣା ଓ ଭିତ୍ତିଭୂମି ଉନ୍ନୟନ ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀ ବ୍ୟାପାର ବିଭାଗର ଡିନ୍ ପ୍ରଫେସର ଭିଆର ପିଣ୍ଟିରେଡ୍ଡୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଏନ୍.ସି ସାହୁ, ଜେଇଇ ଅଧ୍ୟକ୍ଷ ଡ଼ଃ ସି ଭାମିଡିପତି, ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଁ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂଆ ନିୟମ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏସ୍‌ବିଆଇ'ର ଆଞ୍ଚଳିକ ପ୍ରବନ୍ଧକ ଏସ୍. ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଛାତ୍ରଛାତ୍ରୀମାନେ ଆଇଆଇଟିକୁ ନେଇ ନିଜ ମଧ୍ୟରେ ଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ପାଇଥିଲେ। ସୂଚନାଯୋଗ୍ୟ ଚଳିତ ମାସ ୨୮ ତାରିଖରୁ ଜୁଲାଇ ୨୦ ତାରିଖ ମଧ୍ୟରେ ଆଇଆଇଟି, ଭୁବନେଶ୍ୱର ଅରୁଗୁଳ କ୍ୟାମ୍ପସ୍‌ରେ ଜେଇଇ ଆଡଭାନ୍ସ-୨୦୧୮ ପାଇଁ ରିପୋର୍ଟିଂ ସେଣ୍ଟର ଭାବେ କାର୍ଯ୍ୟ କରିବାର ସମ୍ଭାବନା ରହିଛି। ଯଦ୍ୱାରା ଦେଶର ଯେକୌଣସି ଆଇଆଇଟିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଏହି କ୍ୟାମ୍ପସ୍‌ରେ ନିଜ ପ୍ରମାଣ ପତ୍ର ଏବଂ ଅନ୍ୟ କାଗଜପତ୍ର ଯାଞ୍ଚ କରାଇବାର ସୁଯୋଗ ପାଇବେ